# NATIONAL NEWS BULLETIN (ODIA)

**21 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାରେ ଗୃହ ମନ୍ତ୍ରଣାଳୟର କାର୍ଯ୍ୟଧାରା ଉପରେ ଆଲୋଚନା ଆରମ୍ଭ ।

- ଜାମ୍ମୁକାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପ୍ରକୃତ ଅର୍ଥରେ ଧର୍ମନିରପେକ୍ଷ ଭାବନାକୁ ପ୍ରମାଣିତ କରିଛି-କହିଲେ ବିଜେପି ସାଂସଦ ।

- କୃଷକମାନଙ୍କ କଲ୍ୟାଣ ନିମନ୍ତେ ସଂସଦରେ ଆଲୋଚନା ପାଇଁ ବିରୋଧୀଦଳ ଗୁଡ଼ିକୁ ଆହ୍ୱାନ ଦେଲେ କେନ୍ଦ୍ର କୃଷିମନ୍ତ୍ରୀ ।

- ଚଳିତବର୍ଷ ସୁଦ୍ଧା ଭାରତ ଯକ୍ଷ୍ମାମୁକ୍ତ ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଥିବା ଲୋକସଭାରେ କହିଲେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ।

- ଦୁଷ୍କର୍ମ ଉଦ୍ୟମ ମାମଲାରେ ଆହ୍ଲାବାଦ ହାଇକୋର୍ଟ ବିଚାରପତିଙ୍କ ମନ୍ତବ୍ୟକୁ ବିରୋଧ କଲେ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ।

ଏବଂ

- ୨୦୨୮ ଅଲମ୍ପିକ୍ସ ପ୍ରତିଯୋଗିତାରେ ବକ୍ସିଂ କ୍ରୀଡ଼ା ସାମିଲ କରିବାକୁ ନିଷ୍ପତ୍ତି ।

---

# ଆର୍‌ଏସ୍-ହୋମ୍ ଡିସ୍କସନ

ରାଜ୍ୟସଭାରେ ଆଜି ଗୃହ ମନ୍ତ୍ରଣାଳୟର କାର୍ଯ୍ୟଧାରା ଉପରେ ଆଲୋଚନା ଆରମ୍ଭ ହୋଇଛି । ଆଲୋଚନରେ ଭାଗନେଇ ବିଜେପିର ଡକ୍ଟର ସୁଧାଂଶୁ ତ୍ରିବେଦୀ କହିଛନ୍ତି ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରି ଗୃହ ମନ୍ତ୍ରଣାଳୟ ପ୍ରକୃତ ଅର୍ଥରେ ଧର୍ମ ନିରପେକ୍ଷ ଭାବନାକୁ ପ୍ରମାଣିତ କରିଛି । ସେ ମହାକୁମ୍ଭର ଆୟୋଜନକୁ ପ୍ରଶଂସା କରି କହିଛନ୍ତି ଦେଶର ସୁରକ୍ଷା ବାହିନୀର ଦକ୍ଷତା ଦର୍ଶାଉଥିବା ଏହି ମେଗା ଇଭେଣ୍ଟରେ କୌଣସି ଅପ୍ରୀତିକର ଘଟଣା ଘଟିନାହିଁ । ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଉପରେ ଡକ୍ଟର ତ୍ରିବେଦୀ ଜନସଂଖ୍ୟା ନିୟନ୍ତ୍ରଣ ଆଇନ୍‌କୁ ସମର୍ଥନ କରିବାକୁ ବିରୋଧୀ ଦଳ ଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ମଣିପୁର ସମସ୍ୟାର ମୁକାବିଲା ପାଇଁ ଗୃହ ମନ୍ତ୍ରଣାଳୟ ସମ୍ବେଦନଶୀଳତାର ସହ କାର୍ଯ୍ୟ କରିଛି ।

ଆଲୋଚନା ସମୟରେ କଂଗ୍ରେସ ସାଂସଦ ଅଜୟ ମାକେନ ଦିଲ୍ଲୀରେ ବୃଦ୍ଧି ପାଉଥିବା ଅପରାଧ ପ୍ରସଙ୍ଗରେ କହିଛନ୍ତି ଦିଲ୍ଲୀ ପୁଲିସ ସିଧାସଳଖ ଗୃହ ମନ୍ତ୍ରଣାଳୟ ଅଧୀନରେ ଆସୁଛି । ଦିଲ୍ଲୀରେ ମହିଳା, ଶିଶୁ ଏବଂ ବରିଷ୍ଠ ନାଗରିକଙ୍କ ବିରୋଧରେ ଅପରାଧ ହାର ସର୍ବାଧିକ ବୋଲି ସେ ଦର୍ଶାଇଛନ୍ତି । ଏବେ ଦିଲ୍ଲୀରେ ମହିଳାଙ୍କ ବିରୋଧରେ ଘଟିଥିବା ଅପରାଧ ଅଧୀନରେ ୭୭ ହଜାର ମାମଲା ବିଚାରାଧୀନ ରହିଥିବା ସେ କହିଛନ୍ତି । ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ଗୃହ ମନ୍ତ୍ରଣାଳୟ ସହ ସମନ୍ୱିତ ଭାବେ ଏ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ସେ ଅନୁରୋଧ କରିଛନ୍ତି । ସେହିପରି ଆମ୍ ଆଦ୍‌ମୀ ପାର୍ଟି ସାଂସଦ ସଞ୍ଜୟ ସିଂହ ସାରା ଦେଶରେ

ବୃଦ୍ଧିପାଉଥିବା ଅପରାଧକୁ ନେଇ ପ୍ରଶ୍ନ କରିଛନ୍ତି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଆଲୋଚନା ଜାରି ରହିଛି ।

## ଶିବରାଜ-ଏଗ୍ରିକଲଚର

କେନ୍ଦ୍ର କୃଷି ଓ କୃଷକକଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ବିରୋଧୀଦଳ ଗୁଡ଼ିକୁ ସଂସଦରେ କୃଷି ଉପରେ ଆଲୋଚନା କରିବା ଲାଗି ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଆଲୋଚନା ଦ୍ୱାରା କୃଷକଙ୍କ କଲ୍ୟାଣ ହୋଇପାରିବ । ଆଜି ସଂସଦ ବାହାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ଶ୍ରୀ ଚୌହ୍ୱାନ କହିଛନ୍ତି ସଂସଦରେ କୃଷକଙ୍କ ସମସ୍ୟା ଉପରେ ଆଲୋଚନା କରିବାକୁ କେନ୍ଦ୍ର ସରକାର ସବୁ ସମୟରେ ପ୍ରସ୍ତୁତ ଅଛନ୍ତି । କୃଷକଙ୍କ କଲ୍ୟାଣ ମୋଦୀ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ସେ କହିଛନ୍ତି ।

**V/O (Shivraj)**

## ଆର୍‌ଏସ୍-ଜଜ୍

ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କଠାରୁ ନଗଦ ଟଙ୍କା ଆଦାୟ ପ୍ରସଙ୍ଗ ଆଜି ରାଜ୍ୟସଭାରେ ଉଠିଥିଲା । ରାଜ୍ୟସଭାର ଅଧ୍ୟକ୍ଷ ଜଗଦୀପ ଧନଖଡ ଏହି ପ୍ରସଙ୍ଗକୁ ଗ୍ରହଣ କରି କହିଛନ୍ତି ଗୃହର ନେତା ଏବଂ ବିରୋଧୀଦଳ ନେତାଙ୍କ ସହ ସେ ଯୋଗାଯୋଗ କରିବେ ଏବଂ ଅଧିବେଶନ ସମୟରେ ଗଠନମୂଳକ ଆଲୋଚନା ପାଇଁ ବ୍ୟବସ୍ଥା କରିବେ ।

ଏହାପୂର୍ବରୁ କଂଗ୍ରେସ ସାଂସଦ ଜୟରାମ ରମେଶ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଦିଲ୍ଲୀ ହାଇକୋର୍ଟର ବିଚାରପତିଙ୍କ ବାସଭବନରୁ ବିପୁଳ ପରିମାଣର ନଗଦ ଟଙ୍କା ଜବତ ହେବା ଭଳି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି । ନ୍ୟାୟିକ ଉତ୍ତରଦାୟିତ୍ୱ ସ୍ଥିର କରିବା ଲାଗି ସରକାର ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ସେ ଅଧ୍ୟକ୍ଷ ଜଗଦୀପ ଧନଖଡଙ୍କୁ ଅନୁରୋଧ କରିଛନ୍ତି ।

---

## ଲୋକସଭା-ଟିବି ଫ୍ରି ନେସନ

ଚଳିତବର୍ଷ ସୁଦ୍ଧା ଭାରତ ଯକ୍ଷ୍ମାମୁକ୍ତ ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଛି ବୋଲି କେନ୍ଦ୍ର ସରକାର କହିଛନ୍ତି । ଦେଶରେ ଯକ୍ଷ୍ମା ସଂକ୍ରମଣ ହାର ୨୦୧୫ରେ ପ୍ରତି ଏକଲକ୍ଷରେ ୨୩୭ ଥିବାବେଳେ ୨୦୨୩ରେ ଏହି ସଂଖ୍ୟା ୧୯୫କୁ ହ୍ରାସ ପାଇଛି । ଏହା ବିଶ୍ୱରେ ଯକ୍ଷ୍ମା ସଂକ୍ରମଣ ହ୍ରାସ ପାଇବା ତୁଳନାରେ ଦୁଇଗୁଣରୁ ଅଧିକ ।

ଲୋକସଭାରେ ଆଜି ପ୍ରଶ୍ନକାଳରେ ସ୍ୱାସ୍ଥ୍ୟରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି ୨୦୧୫ ତୁଳନାରେ ୨୦୨୩ରେ ଯକ୍ଷ୍ମାଜନିତ ମୃତ୍ୟୁସଂଖ୍ୟା ୨୧ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ସେ କହିଛନ୍ତି ସରକାର ଯକ୍ଷ୍ମା ଚିକିତ୍ସା ବ୍ୟବସ୍ଥାକୁ ୩୨ ପ୍ରତିଶତ ବୃଦ୍ଧି କରିଛନ୍ତି । ଏହାଛଡା ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରିବା ଲାଗି ସରକାରଙ୍କ ପକ୍ଷରୁ ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୪୭ଟି ଜିଲ୍ଲାରେ ୧୦୦ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଆରମ୍ଭ କରିଛନ୍ତି ।

---

## ଅନ୍ନପୂର୍ଣ୍ଣା ଦେବୀ-ଜର୍ଜ ରେଫ୍ କମେଣ୍ଟ

ଦୁଷ୍କର୍ମ ଉଦ୍ୟମ ମାମଲାରେ ଆହ୍ଲାବାଦ ହାଇକୋର୍ଟର ବିଚାରପତିଙ୍କ ମନ୍ତବ୍ୟକୁ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ବିରୋଧ କରିଛନ୍ତି । ଏଭଳି ମନ୍ତବ୍ୟକୁ ଅନୁପଯୁକ୍ତ ବୋଲି କହିବା ସହ ଏହା ସମାଜକୁ ଭୁଲ୍ ବାର୍ତ୍ତା ଦେବ ବୋଲି ସେ କହିଛନ୍ତି । ଆଜି ସଂସଦ ବାହାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି ବିଚାରପତିଙ୍କ ଏଭଳି ମନ୍ତବ୍ୟ ମାମଲା ସହ ଜଡିତ ବିଭିନ୍ନ ରାୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ଏହାମଧ୍ୟ ଭୁଲ୍ କରିବାର ମାନସିକତାକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି । ସରକାର ବିଚାରପତିଙ୍କ ଏଭଳି ମନ୍ତବ୍ୟର ଅନୁଧ୍ୟାନ କରିବେ ବୋଲି ସେ କହିଛନ୍ତି ।

**V/O (Annapurna Devi)**

ସୂଚନାଯୋଗ୍ୟ ଜଷ୍ଟିସ ରାମ ମନୋହର ନାରାୟଣ ମିଶ୍ର ଏକ ଦୁଷ୍କର୍ମ ମାମଲାର ଶୁଣାଣି କରୁଥିବାବେଳେ ଏଭଳି କିଛି ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

---

# ଜେଲେନ୍ସ୍କି - ରୁଷ୍-ୟୁକ୍ରେନ ମିଟ୍

ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନ୍ସ୍କି କହିଛନ୍ତି ୟୁକ୍ରେନ ଏବଂ ରୁଷ୍ ପ୍ରତିନିଧି ମାନେ ଆସନ୍ତା ସୋମବାର ଦିନ ସାଉଦି ଆରବରେ ସେମାନଙ୍କ ଆମେରିକୀୟ ପ୍ରତିପକ୍ଷଙ୍କୁ ସାକ୍ଷାତ୍ କରିବେ । ଗତକାଲି ନରୱେର ଓସ୍ଲୋଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଜେଲେନ୍ସ୍କି କହିଛନ୍ତି ଆମେରିକା ସହ କୂଟନୈତିକ ଆଲୋଚନା ପାଇଁ ୟୁକ୍ରେନ ପ୍ରସ୍ତୁତ ରହିଛି । ତେବେ ଅସ୍ତ୍ରବିରତି ପାଇଁ ରୁଷ୍‌ର ଇଚ୍ଛା ଉପରେ ସନ୍ଦେହ ପ୍ରକାଶ ପାଇଛି । ରୁଷ୍ ଅସ୍ତ୍ରବିରତି ପାଇଁ ରାଜି ହେବ ବୋଲି ୟୁକ୍ରେନ ବିଶ୍ୱାସ କରୁନଥିବା ଜେଲେନ୍ସ୍କି କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ନରୱେର

ପ୍ରଧାନମନ୍ତ୍ରୀ ଜୋନାସ୍ ଗହର୍ ଷ୍ଟୋର କହିଛନ୍ତି ଅସ୍ତ୍ରବିରତି ଆଲୋଚନାରେ ୟୁକ୍ରେନ୍‌ର ଭବିଷ୍ୟତ ବିଷୟରେ ନିଶ୍ଚିତଭାବେ ଆଲୋଚନା କରାଯିବ ।

## ସାଉଥ୍‌କୋରିଆ ଟର୍ମୋୟଲ

ଦକ୍ଷିଣ କୋରିଆର କାର୍ଯ୍ୟକାରୀ ରାଷ୍ଟ୍ରପତି ଚୋଇ ସାଙ୍ଗ ମୋକଙ୍କ ବିରୋଧରେ ମହାଭିଯୋଗ ଆଣିବା ଲାଗି ବିରୋଧୀ ଦଳଗୁଡ଼ିକ ପ୍ରସ୍ତାବ ଆଗତ କରିଛନ୍ତି । ଫଳରେ ସେଠାରେ ରାଜନୈତିକ ଅସ୍ଥିରତା ବୃଦ୍ଧିପାଇଛି । ସଂସଦରେ ସଂଖ୍ୟାଗରିଷ୍ଠ ଦଳଭାବେ ଡେମୋକ୍ରାଟିକ ପାର୍ଟି ଶ୍ରୀ ଚୋଇଙ୍କ ବିରୋଧରେ ବାରମ୍ବାର ଭିଟୋ ପ୍ରୟୋଗ କରିବା ଏବଂ ବିଚାରପତି ନିଯୁକ୍ତିକୁ ବିଳମ୍ବିତ କରିବା ଭଳି ଅଭିଯୋଗ ଆଣିଛନ୍ତି । ଗତ ଡିସେମ୍ବର ମାସରେ ସାମରିକ ଆଇନ୍ ଘୋଷଣା ପାଇଁ ରାଷ୍ଟ୍ରପତି ୟୁନ ସୁକ ୟେଓଲଙ୍କ ବିରୋଧରେ ମହାଭିଯୋଗ ଆସିବା ପରେ ଅର୍ଥମନ୍ତ୍ରୀ ଶ୍ରୀ ଚୋଇ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

ଦକ୍ଷିଣ କୋରିଆର ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଷ୍ଟ୍ରପତିଙ୍କୁ ପଦରୁ ହଟାଇବାର ୬୦ଦିନ ମଧ୍ୟରେ ନୂଆ ନିର୍ବାଚନ ହେବ । ଅନ୍ୟପକ୍ଷରେ ଆସନ୍ତା ସୋମବାର ଏହି ମହାଭିଯୋଗ ଉପରେ ସାମ୍ବିଧାନିକ ଅଦାଲତ ରାୟ ଶୁଣାଇବେ ବୋଲି ଜଣାପଡିଛି ।

## ଇସ୍ରାଏଲ-ହେଡ୍ ଅଫ୍ ସିକ୍ୟୁରିଟି

ଇସ୍ରାଏଲରେ ଆଭ୍ୟନ୍ତରୀଣ ସୁରକ୍ଷା ସେବାର ମୁଖ୍ୟ ରୋନେନ ବାର୍‌ଙ୍କୁ ବହିଷ୍କାର କରିବାକୁ କ୍ୟାବିନେଟ୍ ସମ୍ମତି ପ୍ରଦାନ କରିଛି । ଇସ୍ରାଏଲ ଇତିହାସରେ ପ୍ରଥମଥର ପାଇଁ କୌଣସି ସରକାର ଘରୋଇ ସୁରକ୍ଷା ଏଜେନ୍ସିର ମୁଖ୍ୟଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି । ପ୍ରଧାନମନ୍ତ୍ରୀ

ବେଞ୍ଜାମିନ ନେତାନ୍ୟାହୁ ଗତ ରାତିରେ ଏ ସମ୍ପର୍କରେ କ୍ୟାବିନେଟ୍‌କୁ ସୂଚନା ଦେଇଥିଲେ । ସେ କହିଥିଲେ ୨୦୨୩ ଅକ୍ଟୋବର ୭ ତାରିଖରେ ଦକ୍ଷିଣ ଇସ୍ରାଏଲ ଉପରେ ହମାସ୍‌ର ଆକ୍ରମଣ ପରେ ସେ ରୋନେନ୍ ବାର୍‌ଙ୍କ ଉପରେ ଆସ୍ଥା ହରାଇଥିଲେ । ଆସନ୍ତା ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ରୋନେନ୍ ବାର୍‌ଙ୍କ କାର୍ଯ୍ୟକାଳ ଥିବାବେଳେ ସେ ଚାହିଁଲେ ପୂର୍ବରୁ ପଦତ୍ୟାଗ କରିପାରିବେ ବୋଲି କୁହାଯାଇଛି ।

## ବିସିସିଆଇ-ସାଲିଭା ବ୍ୟାନ୍ ଲିଫ୍ଟେଡ

ଆଇପିଏଲ୍ ୨୦୨୫ ଆରମ୍ଭ ହେବା ପୂର୍ବରୁ ବିସିସିଆଇ ଖେଳ ସମୟରେ ବଲ୍‌ରେ ଲାଳ ବ୍ୟବହାର ଉପରେ ଲାଗିଥିବା ନିଷେଧାଦେଶକୁ ହଟାଇ ନେଇଛନ୍ତି । ଅଧିକାଂଶ ଅଧିନାୟକ ଲାଳ ବ୍ୟବହାରକୁ ସମର୍ଥନ କରିବା ପରେ ବିସିସିଆଇ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । କୋଭିଡ ସମୟରେ ଲାଳ ମାଧ୍ୟମରେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ଥିବାରୁ ୨୦୨୦ରେ ଏଭଳି କଟକଣା ଜାରି କରାଯାଇଥିଲା । ସେ ସମୟରେ ଆଇପିଏଲ୍‌ରେ ମଧ୍ୟ ଏହି ପ୍ରତିବନ୍ଧକକୁ କଠୋର ଭାବରେ ପାଳନ କରାଯାଇଥିଲା । ଗତ ଶନିବାର ଦିନ ମୁମ୍ବାଇରେ ବର୍ତ୍ତମାନ ଏବଂ ପୂର୍ବର ଅଧିନାୟକମାନଙ୍କ ମଧ୍ୟରେ ଆଲୋଚନା ପରେ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଲାଗି ବିସିସିଆଇକୁ ଅବଗତ କରାଯାଇଥିଲା ।

କ୍ରିକେଟ ଖେଳ ସମୟରେ ବୋଲିଂରେ ସୁଇଙ୍ଗ ଏବଂ ରିଭର୍ସ ସୁଇଙ୍ଗ କରିବା ଲାଗି ବୋଲରମାନେ ବଲ୍‌ରେ ଲାଳ ବ୍ୟବହାର କରିଥାନ୍ତି ।

## ଆଇଓସି

୨୦୨୮ ମସିହାରେ ଲସ୍ଆଞ୍ଜେଲେସ୍‌ରେ ହେବାକୁ ଥିବା ଅଲିମ୍ପିକ୍ସ ପ୍ରତିଯୋଗିତାରେ ବକ୍ସିଂ ସାମିଲ ହେବ । ଆନ୍ତର୍ଜାତିକ ଅଲିମ୍ପିକ୍ସ କମିଟି ସଦସ୍ୟ ରାଷ୍ଟ୍ରମାନେ ଏହା ସପକ୍ଷରେ ମତ ଦେଇଛନ୍ତି । ଗତକାଲି ଅନୁଷ୍ଠିତ ମତଦାନ ସମୟରେ ଅଲିମ୍ପିକ୍ସରେ ବକ୍ସିଂକୁ ଅନ୍ତର୍ଭୁକ୍ତ କରିବା ସମୟରେ ସମସ୍ତେ ଭୋଟ୍ ଦେଇଥିଲେ । ୨୦୨୨ରେ ଅନୁଷ୍ଠିତ ବୈଠକରେ ବକ୍ସିଂକୁ ଅଲିମ୍ପିକ୍ସରେ ସାମିଲ କରାଯାଇନଥିଲା । ପରବର୍ତ୍ତି ସମୟରେ ରାଷ୍ଟ୍ରୀୟ ବକ୍ସିଂ ମହାସଂଘର ଉଦ୍ୟମ ଫଳରେ ନୂଆ ବକ୍ସିଂ ସଂଘରେ ୮୦ରୁ ଅଧିକ ଜାତୀୟ ମହାସଂଘ ସଦସ୍ୟ ରହିଛନ୍ତି ।

## ସିପକ୍ ଟାକ୍ରୋ

ବିହାରରେ ପ୍ରଥମଥର ପାଇଁ ସିପକ୍ ଟାକ୍ରୋ ୨୦୨୫ ବିଶ୍ୱକପ୍ ଆରମ୍ଭ ହୋଇଛି । ଗତକାଲି ସନ୍ଧ୍ୟାରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ ।  କାଙ୍କାରବାଗ ସ୍ଥିତ ପାଟଳିପୁତ୍ର କ୍ରୀଡ଼ାଙ୍ଗନରେ ଚାଲିଥିବା ଏହି ୬ ଦିନିଆ ପ୍ରତିଯୋଗିତାରେ ଭାରତ ସମେତ ୨୦ଟି ଦେଶ ଅଂଶଗ୍ରହଣ କରୁଛନ୍ତି । ଗତକାଲି ଅନୁଷ୍ଠିତ ପ୍ରଥମ ଲିଗ୍ ମ୍ୟାଚ୍‌ରେ ପୁରୁଷ ବର୍ଗରେ ଥାଇଲାଣ୍ଡ' ସିଙ୍ଗାପୁରକୁ ପରାସ୍ତ କରିଛି । ମହିଳା ବର୍ଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଭାରତ ବିଜୟୀ ହୋଇଛି । ଏହି ବିଶ୍ୱକପ୍‌ରେ ମୋଟ୍ ୧୫୦ଟି ମ୍ୟାଚ୍ ଖେଳାଯିବ ବୋଲି ଜଣାପଡ଼ିଛି ।